RNI No.ODIODI/2010/33031
୧୭ ବର୍ଷ Volume-17
ISSUE -44 ସଂଖ୍ୟା-୪୪
ଭୁବନେଶ୍ୱର, ଗୁରୁବାର ୨୩ ଏପ୍ରିଲ୍ ୨୦୨୬
Bhubaneswar, Thursday 23 April, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଗ୍ୟାସ୍ କଳାବଜାରୀ ଉପରେ ବଡ଼ ଚଢ଼ାଉ

୫,୩୦୮ ଏଲପିଜି ସିଲିଣ୍ଡର ଜବତ, ୫ ଗିରଫ

ଭୁବନେଶ୍ୱର,୨୨।୪(ନି.ପ୍ର.): ଓଡ଼ିଶାରେ ଖଚଏ ଗ୍ୟାସ୍ ନେଇ ଚାଲିଥିବା କଳାବଜାରୀ ଓ ଅବୈଧ ସଂଗ୍ରହ ଉପରେ ସରକାରଙ୍କ ବଡ ଧରଣର ଚଢ଼ାଉ। ଖାଦ୍ୟ ଯୋଗାଣ ଓ ଉପଭୋକ୍ତା କଲ୍ୟାଣ ବିଭାଗଙ୍କ ନେତୃତ୍ୱରେ ଚାଲିଥିବା ଏହି ବ୍ୟାପକ ଅଭିଯାନରେ ମୋଟ ୫,୩୦୮ଟି ଏଲପିଜି ସିଲିଣ୍ଡର ଜବତ ହୋଇଥିବାବେଳେ ୫ ଜଣଙ୍କୁ ଗିରଫ କରାଯାଇଛି। ଗ୍ରାହକଙ୍କ ଅଭିଯୋଗ ଓ ଗୁପ୍ତ ସୂଚନାକୁ ଆଧାର କରି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏକାସାଥିରେ ଚଢ଼ାଉ କରାଯାଇଥିଲା। ଏଲପିଜି ଏଜେନ୍ସି, ଗୋଦାମ ଓ ସନ୍ଦେହଜନକ ସ୍ଥାନଗୁଡ଼ିକୁ ନିଶାନା କରି ଚାଲିଥିବା ଏହି ଅଭିଯାନରେ ଅନେକ ସ୍ଥାନରୁ ଅବୈଧ ଭାବେ ମହଜୁଦ ହୋଇଥିବା ସିଲିଣ୍ଡର ଜବତ ହୋଇଛି।

ଏପର୍ଯ୍ୟନ୍ତ ମୋଟ ୨,୭୪୬ଟି ସ୍ଥାନରେ ତଲାଶି ଚାଲିଛି। ଜିଲ୍ଲାସ୍ତରୀୟ ଯୋଗାଣ ଅଧିକାରୀମାନେ ଏହି ଅଭିଯାନକୁ ନିରନ୍ତର ନଜର ରଖି ଦିନ ପ୍ରତିଦିନ ରିପୋର୍ଟ ପଠାଉଛନ୍ତି। ଅନିୟମିତତା ଓ ଆଇନ ଉଲ୍ଲଂଘନ ମାମଲାରେ ୩୯୭ଟି କେସ୍ ରୁଜୁ ହୋଇଥିବାବେଳେ ବିଭିନ୍ନ ଥାନାରେ ୩୧ଟି ଏଫଆଇଆର ଦାଖଲ ହୋଇଛି। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଯାଉଛି। ସରକାରଙ୍କ ଏହି ଆକସ୍ମିକ ଚଢ଼ାଉ ଫଳରେ ରାଜ୍ୟରେ ଚାଲିଥିବା ଗ୍ୟାସ୍ କଳାବଜାରୀ ରାକେଟ୍ର ପର୍ଦ୍ଦାଫାଶ ହେବା ସହିତ ସାଧାରଣ ଲୋକଙ୍କ ମଧ୍ୟରେ ଆଶ୍ୱାସନ ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭବିଷ୍ୟତରେ ମଧ୍ୟ ଏପରି ଅବୈଧ କାରବାର ବିରୋଧରେ ଏହି ଅଭିଯାନ ଆହୁରି ତୀବ୍ର କରାଯିବ। ଯେକୌଣସି ଅନିୟମିତତା ଦେଖିଲେ ଲୋକମାନେ ତୁରନ୍ତ ଅଭିଯୋଗ କରିବାକୁ ଅନୁରୋଧ କରାଯାଇଛି।

ହର୍ମୁଜରେ ଉତ୍ତେଜନା : ଭାରତ ଆସୁଥିବା ଜାହାଜକୁ ଗୁଳି ମାରି ସିଜ୍ କଲା ଇରାନ

ନୂଆଦିଲ୍ଲୀ,୨୨।୪(ନି.ପ୍ର.):: ବିଶ୍ୱର ପ୍ରମୁଖ ଜଳମାର୍ଗ ହର୍ମୁଜ ପ୍ରଣାଳୀରେ ଦେଖିବାକୁ ମିଳିଛି ଉତ୍ତେଜନା। ଏଠାରେ ଆଜି ଦୁଇଟି ପଣ୍ୟବାହୀ ଜାହାଜ ଉପରେ ଇରାନର ରେଭ୍ୟୁଲେସନାରୀ ଗାର୍ଡ ପକ୍ଷରୁ ବୁଧବାର କରାଯାଇଛି ଆକ୍ରମଣ ହୋଇଛି।

ଇରାନୀୟ ସେନା ଜାହାଜ ଉପରେ ଗୁଳିମାଡ କରି ଏହାକୁ ସିଜ କରି ନେଇଛନ୍ତି। ସିଜ ଓ ଆକ୍ରମଣ ହୋଇଥିବା ଦୁଇଟି ଜାହାଜ ମଧ୍ୟରୁ ଗୋଟିଏ ଭାରତ ଅଭିମୁଖେ ଆସୁଥିଲା। ଗୁଜରାଟ ଅଭିମୁଖେ ଆସୁଥିବା ପଣ୍ୟବାହୀ ଜାହାଜକୁ ଇରାନ ସିଜ କରି ନେଇଥିବା ଏବେ ସ୍ପଷ୍ଟ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଲାଗୁ ହୋଇଥିବା ଯୁଦ୍ଧ ବିରତି ଅବଧିକୁ ୨ ସପ୍ତାହ ବୃଦ୍ଧି କରିବା ପରେ ଏପରି ଘଟଣା ଘଟିଛି।

ଭାରତୀୟ ଜାହାଜ ଉପରେ ଗୁଳିମାଡ ଓ ସିଜ କରାଯିବା ଘଟଣା ନୂଆ ବିବାଦ ସୃଷ୍ଟି କରିଛି। କାରଣ ଏହା ପୂର୍ବରୁ ହର୍ମୁଜ ଅତିକ୍ରମ କରୁଥିବା ଆଉ ୨ଟି ଭାରତୀୟ ଜାହାଜ ଉପରେ ମଧ୍ୟ ଇରାନ ପକ୍ଷରୁ ଗୁଳିମାଡ କରାଯାଇଥିଲା। ଏବେ ଗୁଜରାଟ ଆସୁଥିବା ଗୋଟିଏ ପଣ୍ୟବାହୀ ଜାହାଜକୁ ଇରାନ ସିଜ କରି ନେଇଛି। ଇରାନୀୟ ଗଣମାଧ୍ୟମ ଅନୁସାରେ, ସିଜ ହୋଇଥିବା ୨ ଜାହାଜ ହେଉଛନ୍ତି ପାନାମା ପତାକା ଲାଗିଥିବା ଗ୫ଉ ରକ୍ଷବଭମରସ୍ପମବ ଓ ଲିବିୟା ପତାକା ଲାଗିଥିବା ରକ୍କବଙ୍କସଭକ୍କୟରସ୍ପ। ଆମେରିକା ପକ୍ଷରୁ ଇରାନର ୨ଟି ଜାହାଜକୁ ସିଜ କରାଯାଇଥିବାରୁ ଆଇଆରଜିସି ଆଜି ଏପରି ପଦକ୍ଷେପ ନେଇଛି। ୨ଟି ଯାକ ଜାହାଜ ନିୟମ ଉଲ୍ଲଙ୍ଘନ କରିଥିବାରୁ ସେଗୁଡିକୁ ସିଜ କରାଯାଇଛି ବୋଲି ଇରାନ କହିଛି।

ବ୍ରିଟିଶ ମିଲିଟାରୀର ୟୁକେଏମଟିଓ କେନ୍ଦ୍ର କହିଛି ଯେ ଆଇଆରଜିସି ପକ୍ଷରୁ ସକାଳ ପ୍ରାୟ ୭.୫୫ରେ ପ୍ରଥମ କଣ୍ଟେନର ଶିପକୁ ଟାର୍ଗେଟ କରାଯାଇଥିଲା। ଆକ୍ରମଣରେ ଜାହାଜଟି କ୍ଷତିଗ୍ରସ୍ତ ହୋଇଛି। ଇରାନୀୟ ଗନବୋଟ ଗୁଳି ମାଡ କରିବା ପୂର୍ବରୁ କୌଣସି ପ୍ରକାରର ସତର୍କ ସୂଚନା ଦେଇ ନଥିଲା। ସୌଭାଗ୍ୟବଶତଃ ଗୁଳି ମାଡରେ କେହି ମୃତାହତ ହୋଇ ନାହାନ୍ତି। ସେହିପରି ପରିବେଶ ଉପରେ ମଧ୍ୟ ଏହାର ପ୍ରଭାବ ପଡିନି। ଏହାର କିଛି ସମୟ ପରେ ଗୋଟିଏ ପଣ୍ୟବାହୀ ଜାହାଜକୁ ଟାର୍ଗେଟ କରି ଗୁଳି ମାଡ କରାଯାଇଥିଲା। ଗୁଳି ମାଡ ଯୋଗୁ ଜାହାଜଟି ଆଗକୁ ବି ନଥିଲା। ଗୁଳି ମାଡରେ ପଣ୍ୟବାହୀ ଜାହାଜର କୌଣସି କ୍ଷୟକ୍ଷତି ହୋଇନି।

ବନ ବିଭାଗ ହେଲା ଆହୁରି ଶକ୍ତିଶାଳୀ, ଯୋଗଦେଲେ ୧୫୪ ଅଧିକାରୀ

ଭୁବନେଶ୍ୱର,୨୨।୪(ନି.ପ୍ର.): ଓଡ଼ିଶାର ପରିବେଶ ଓ ବନ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୧୫୪ ଜଣ ଅଧିକାରୀଙ୍କୁ ଓଡ଼ିଶା ଫରେଷ୍ଟ ସର୍ଭିସ୍ ?ରେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ଓଡ଼ିଶା ପବ୍ଲିକ ସର୍ଭିସ କମିଶନଙ୍କ ସୁପାରିଶ ଅନୁଯାୟୀ କରାଯାଇଛି। ନିଯୁକ୍ତି ପାଇଥିବାମାନଙ୍କ ମଧ୍ୟରୁ ୧୧୩ ଜଣ ପ୍ରାର୍ଥୀ ଗ୍ରୁପ୍-ବି ଶ୍ରେଣୀରେ ଫରେଷ୍ଟ ରେଞ୍ଜର୍ ଭାବେ ଯୋଗଦେଇଛନ୍ତି। ସେମାନଙ୍କୁ ଓଡ଼ିଶା ରିଭାଇଜ୍ଡ ପେ ମ୍ୟାଟ୍ରିକ୍ସ ୨୦୧୭ର ଲେଭେଲ-୧୦, ସେଲ-୦୧ ଅନୁଯାୟୀ ମାସିକ ୪୪,୯୦୦ ଟଙ୍କା ବେତନ ସହ ଡିଏ ଓ ଅନ୍ୟାନ୍ୟ ଭତ୍ତା ମିଳିବ। ଏହି ନିଯୁକ୍ତି 'ଓଡ଼ିଶା ଫରେଷ୍ଟ ସର୍ଭିସ୍ ? (ନିଯୁକ୍ତି ଓ ସେବା ସର୍ତ୍ତ) ନିୟମ, ୨୦୧୩' ଅନୁଯାୟୀ, ୨୦୨୪ର ସଂଶୋଧନ ସହିତ କରାଯାଇଛି।ଏହା ସହିତ, ଗ୍ରୁପ-ଏ (ଜୁନିୟର ବ୍ରାଞ୍ଚ) ଅଧୀନରେ ସହକାରୀ ବନ ସଂରକ୍ଷକ ଭାବରେ ୪୧ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେମାନେ ଓଡ଼ିଶା ସଂଶୋଧିତ ଦରମା ମାଟ୍ରିକ୍ସ ୨୦୧୭ର ସ୍ତର-୧୨, ସେଲ୍-୦୧ରେ ୫୬,୧୦୦ ଟଙ୍କା ଦରମା ସ୍କେଲରେ କାର୍ଯ୍ୟ କରିବେ ଏବଂ ପ୍ରଯୁଜ୍ୟ ଭତ୍ତା ମଧ୍ୟ ପାଇବେ। ନୂଆ ଅଧିକାରୀମାନଙ୍କ ଯୋଗଦାନ ସହ ବନ ସମ୍ପଦ ସୁରକ୍ଷା, ବନ୍ୟପ୍ରାଣୀ ରକ୍ଷା ଓ ପରିବେଶ ସମତୁଳନ ରକ୍ଷାରେ ରାଜ୍ୟର କ୍ଷମତା ବଢ଼ିବ ବୋଲି ଆଶା କରାଯାଉଛି। ଏହା ସହ ଅବୈଧ କାଠ କଟା ଓ ଶିକାର ବିରୋଧରେ କଡ଼ା ନିରୀକ୍ଷଣ ହେବା ସମ୍ଭାବନା ରହିଛି।

ସୁନ୍ଦରଗଡ଼, କୋରାପୁଟ, ସମ୍ବଲପୁର ଓ କେନ୍ଦ୍ରାପଡାରେ ସ୍କୁଲ ଛୁଟି ଘୋଷଣା

ଭୁବନେଶ୍ୱର,୨୨।୪(ନି.ପ୍ର.): ଖରା ଗୁଳୁଗୁଳିରୁ ନାହିଁ ନିସ୍ତାର। ଆହୁରି ୪ ଦିନ ଖରାରେ ସିଝିବ ଓଡିଶା। ଦିନକୁ ଦିନ ବଢୁଥିବା ତାପମାତ୍ରା ସହ ଗୁଳୁଗୁଳି ଲୋକଙ୍କୁ ନିସ୍ତାର ଦେଉନାହିଁ। ରାଜ୍ୟର ଅଧାଅଧିକ ଅଞ୍ଚଳରେ ପାରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ, ଆଗାମୀ ୪ ଦିନ ପର୍ଯ୍ୟନ୍ତ ଏହି ତାତିରୁ କୌଣସି ରାହାତ ମିଳିବା ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ସତର୍କ କରିଛି।

ବିଶେଷ କରି ଟିଟିଲାଗଡ, ବଲାଙ୍ଗିର ଓ ଝାରସୁଗୁଡା ଭଳି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବା ଆଶଙ୍କା ରହିଛି। ଏହି ପରିସ୍ଥିତିକୁ ଦେଖି ଅନେକ ଜିଲ୍ଲାରେ ହିଟ୍ ୱେଭ୍ ଆଲର୍ଟ ଜାରି ହୋଇଛି। ଗରମର ତୀବ୍ରତା ଏତେ ବଢିଛି ଯେ, ସକାଳ ୯ଟା ପରେ ବାହାରକୁ ବାହାରିବା ମୁସ୍କିଲ୍ ହୋଇପଡୁଛି।

ଖରା ଗରମକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଥିଲା , ଯଦି ଜିଲ୍ଲାରେ ତାତିର ତାଉ ବଢେ, ତେବେ ଜିଲ୍ଲା ପ୍ରଶାସନ ଏଥିଲାଗି ଛୁଟି ନିଷ୍ପତି ନେଇପାରିବେ। ଏହାରି ଭିତରେ ସୁନ୍ଦରଗଡରେ ୨୭ ଯାଏ ସ୍କୁଲ ଛୁଟି ଘୋଷଣା କରାଯାଇଛି। ସେହିପରି ସମ୍ବଲପୁର ଜିଲ୍ଲାରେ ସ୍କୁଲ୍ ଛୁଟି ଅବଧିକୁ ବୃଦ୍ଧି କରାଯାଇଛି। ୨୭ ପର୍ଯ୍ୟନ୍ତ ଛୁଟି ବୃଦ୍ଧି ନେଇ ସୂଚନା ଦେଇଛନ୍ତି

ଜିଲ୍ଲାପାଳ।

ସେହିପରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି, କେନ୍ଦ୍ରାପଡା ଓ କୋରାପୁଟ ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଆସନ୍ତାକାଲି ଠାରୁ ୨୫ ତାରିଖ ଯାଏଁ ଅର୍ଥାତ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗଜପତି ଜିଲ୍ଲାରେ ସମସ୍ତ ସ୍କୁଲ୍ ଆସନ୍ତା ୩ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ୨୨ରୁ ୨୪ ତାରିଖ ଯାଏଁ ସବୁ ସ୍କୁଲ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଖରା ଓ ହିଟ୍ ୱେଭ କୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ଯାଏ ସବୁ ସ୍କୁଲ ଛୁଟି ରହିବ ବୋଲି ସ୍ଥିର ହୋଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ପରୀକ୍ଷା ଅନୁଷ୍ଠିତ ହେବ।

ଖରା ପ୍ରସଙ୍ଗକୁ ନେଇ ସ୍କୁଲ ଛୁଟି ଘଟଣାରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଆବଶ୍ୟକ ହେଲେ ଆଗକୁ ମଧ୍ୟ ଛୁଟି ବଢିବ। ରାଜ୍ୟରେ ଏବେ ଗୁଳୁଗୁଳିର ସନ୍ତୁଳି ହେଉଛନ୍ତି ଲୋକେ। ଆଜି ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ଝାରସୁଗୁଡ଼ାରେ ୪୪.୪% ରେକର୍ଡ ହୋଇଛି।ଦିନ ୨ଟା ୩୦ ସୁଦ୍ଧା ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୧ ଡିଗ୍ରୀ। ସେହିପରି ସମ୍ବଲପୁର ୪୩.୨, ହୀରାକୁଦ ୪୩, ରାଉରକେଲା ୪୧ ଡିଗ୍ରୀ ରେକର୍ଡ ହୋଇଛି।

୪ ଜଣ ଜନଗଣନା ଅଧିକାରୀଙ୍କୁ ମାଡ଼, ଭାଙ୍ଗି ଦେଲେ ଗାଡ଼ି

ଜନଗଣନା ଅଧିକାରୀ ନାଁରେ ଲୁଟ୍

ଢେଙ୍କାନାଳ: ଦେଶରେ ଜନଗଣନା ଚାଲିଥିବାବେଳେ ଜନଗଣନା ଅଧିକାରୀ ନାମରେ ସାଧାରଣ ଜନତାଙ୍କଠାରୁ ହୋଇଛି ଲୁଟ୍। ଜଣେ ବ୍ୟକ୍ତି ନିଜକୁ ଜନଗଣନା ଅଧିକାରୀ କହି ମହିଳାଙ୍କଠାରୁ ସଶସ୍ତ୍ର ଡକାୟତି କରିଛି। ଢେଙ୍କାନାଳ ଜିଲ୍ଲା ରାସୋଲ ଥାନା ଅନ୍ତର୍ଗତ ଗିନ୍ଧିର ପ୍ରସାଦ ଗ୍ରାମରେ ଏଭଳି ଖବର ସାମ୍ନାକୁ ଆସିଛି। ମଙ୍ଗଳବାର ମଧ୍ୟାହ୍ନ ସମୟରେ ରାସୋଲ ଥାନା ଅନ୍ତର୍ଗତ ଗିନ୍ଧିର ପ୍ରସାଦ ଗ୍ରାମରେ ଜଣେ ବ୍ୟକ୍ତି ନିଜକୁ ଜନଗଣନା ଅଧିକାରୀ କହି ଜଣଙ୍କ ଘରକୁ ଯାଇଥିଲେ। ଏହା ପରେ ମହିଳାଙ୍କୁ ଆଧାରକାର୍ଡ ଆଣିବାକୁ କହିଥିଲେ। ମହିଳା ଜଣକ ଘର ଭିତରକୁ ଆଧାରକାର୍ଡ ଆଣିବାକୁ ଯାଇଥିଲେ। ଏପଟେ ମହିଳାଙ୍କ ଘରେ କେବଳ ଦୁଇଟି ଛୋଟ ପିଲା ଥିବା ସହିତ ଘରେ ଆଉ କେହି ନଥିବାର ବ୍ୟକ୍ତି ଜଣକ ଜାଣିପାରିଥିଲେ। ଏହାର ସୁଯୋଗ ନେଇ ମହିଳାଙ୍କ ବେକରେ ଛୁରୀ ଲଗାଇ ମହିଳାଙ୍କୁ ଠାରୁ ମଙ୍ଗଳସୂତ୍ର ଲୁଟି ନେଇଥିଲେ। ଏନେଇ ମହିଳା ଜଣଙ୍କ ରାସୋଲ ଥାନାରେ ଅଭିଯୋଗ କରିଛନ୍ତି।

ଢେଙ୍କାନାଳ,: କାର୍ଯ୍ୟରତ ଜନଗଣନା ଅଧିକାରୀଙ୍କୁ ଗୋଟିଏ ପରିବାର ଲୋକେ ମରଣାନ୍ତକ ଆକ୍ରମଣ କରିଛନ୍ତି। ବାପା ଓ ପୁଅ ମିଶି ୪ ଜଣ ଅଧିକାରୀଙ୍କୁ ମାଡ଼ ମାରିବା ସହିତ ଗାଡ଼ି ଭାଙ୍ଗି ଦେଇଛନ୍ତି। ଏ ନେଇ କାମାକ୍ଷାନଗର ଥାନାରେ ଅଭିଯୋଗ ହୋଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ନିକୁଞ୍ଜ ଶତପଥୀ ଏବଂ ତାଙ୍କ ପରିବାର ସଦସ୍ୟ ଜନଗଣନାରେ ସହଯୋଗ କରୁନଥିଲେ। ଏ ନେଇ ଜଣେ ମହିଳା ଅଧିକାରୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏହା ପରେ ଜନଗଣନା ଅଧିକାରୀ ରଘୁନାଥ ଦୀକ୍ଷିତ, ମଧୁସ୍ମିତା ବେହେରା, ସ୍ୱର୍ଣ୍ଣଲତା ସାହୁ ଓ ସତୀନ ବିରେନ ବେହେରା ନିକୁଞ୍ଜଙ୍କ ଘରକୁ ଯାଇଥିଲେ। କିନ୍ତୁ ନିକୁଞ୍ଜ ଏବଂ ତାଙ୍କର ଦୁଇ ପୁଅ ମିଶି ଅତର୍କିତ ଭାବେ କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ଟେକା ପଥର ଫୋପାଡ଼ିବା ସହିତ ଗାଡ଼ି ମଧ୍ୟ ଭାଙ୍ଗି ଦେଇଥିଲେ। ଏପରିକି ଅଧିକାରୀମାନଙ୍କୁ ଗୋଡେଇ ଗୋଡେଇ ମାଡ଼ ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏ ନେଇ ଜନଗଣନା ଅଧିକାରୀମାନେ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ସେମାନଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି। କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାଏକ ଏବଂ କାମାକ୍ଷାନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରିଛନ୍ତି।

ନିଆଯିବ କାର୍ଯ୍ୟାନୁଷ୍ଠାନ : ରାଜସ୍ୱ ମନ୍ତ୍ରୀ

ଜନଗଣନା କାମରେ ବାଧା ସୃଷ୍ଟି କରୁଥିବା ଓ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରୁଥିବା ଦୋଷୀମାନଙ୍କ ପାଇଁ ଏବେ କଠୋର ସନ୍ଦେଶ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇ ସ୍ପଷ୍ଟ କରିଦେଇଛନ୍ତି ଯେ, ଅପରାଧୀଙ୍କୁ ଛଡ଼ାଯିବନାହିଁ। ପାତାଳରେ ଲୁଚିଲେ ବି ସେମାନଙ୍କୁ ଖୋଜି ବାହାର କରାଯିବ ଓ ଆଇନ ଅନୁଯାୟୀ କଠୋର କାର୍ଯ୍ୟବାହୀ ହେବ।

ମନ୍ତ୍ରୀ କହିଛନ୍ତି, ଜନଗଣନା କର୍ମଚାରୀଙ୍କ ସୁରକ୍ଷା ପାଇଁ ଶୀଘ୍ର ଝଙ୍କ ଆଣାଯିବ। ଗୃହ ବିଭାଗ, ପୁଲିସ ପ୍ରଶାସନ ଓ ଉଚ୍ଚ ଅଧିକାରୀଙ୍କ ସହ ଏନେଇ ଆଲୋଚନା ହୋଇଛି। ଯେଉଁଠି ଆକ୍ରମଣ ଘଟିଛି ସେଠାରେ କଠୋର ପଦକ୍ଷେପ ନିଆଯିବ।

ସେପଟେ ଜନଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ କହିଛନ୍ତି, ରାଜ୍ୟରେ ପ୍ରାୟ ୧ କୋଟି ଘରର ଜନଗଣନା ସରିସାରିଛି। କିନ୍ତୁ ତୃଣମୂଳସ୍ତରରେ କାମ କରୁଥିବା କର୍ମୀମାନେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ତେଣୁ ସେମାନଙ୍କ ସୁରକ୍ଷା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଓ ଆବଶ୍ୟକସ୍ତରରେ ପୁଲିସ ସହାୟତା ମଧ୍ୟ ନିଆଯିବ।

ଦିନ ୧୧ରୁ ୩ଟା ଯାଏଁ ଜନଗଣନା ବନ୍ଦ

ଭୁବନେଶ୍ୱର,୨୨।୪(ନି.ପ୍ର.): ଜନଗଣନା କର୍ମଚାରୀଙ୍କର ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ବଢିଛି ଚିନ୍ତା। ରାଜ୍ୟରେ ଚାଲିଥିବା ପ୍ରଥମ ପର୍ଯ୍ୟାୟ ଜନଗଣନା ଭିତରେ ଏବେ ରାଜସ୍ୱ ବିଭାଗ ବଡ ନିଷ୍ପତ୍ତି ନେଇଛି। ଗ୍ରୀଷ୍ମପ୍ରବାହର ତାତି ମଧ୍ୟରେ ବଦଳିଲା ସମୟସାରିଣୀ। ଏବେ ଦିନ ୧୧ଟାରୁ ୩ଟା ଭିତରେ କୌଣସି ଜନଗଣନା କାର୍ଯ୍ୟ ହେବ ନାହିଁ। କିଛି କର୍ମଚାରୀ ଖରାରେ ଅସୁସ୍ଥ ହେବା ଘଟଣା ପରେ ରାଜସ୍ୱ ବିଭାଗ ଏହି ନିଷ୍ପତ୍ତି ନେଇଛି। ଜନଗଣନା ନିର୍ଦ୍ଦେଶକ ଓ ରାଜସ୍ୱ ବିଭାଗ ସଚିବଙ୍କ ବୈଠକ ପରେ ନିଷ୍ପତ୍ତି ନିଆଯାଇଛି।

ଜନଗଣନା ବେଳେ କିଛି ଅଧିକାରୀ ଅସୁସ୍ଥ ହେବା ଖବର ଆସିଛି। ତେଣୁ ଖରାରୁ ଦୃଷ୍ଟିରେ ରଖି ଜନଗଣନା ସମୟ ବଦଳାଇବା ନିଷ୍ପତ୍ତି ହୋଇଛି। ସରକାରୀ କର୍ମଚାରୀ ଓ ଲୋକଙ୍କ ସୁରକ୍ଷା ବଡ଼ ଦାୟିତ୍ୱ। ଯେଉଁଠି ଆକ୍ରମଣ ହୋଇଛି। ସେହି ଘଟଣା ଉପରେ ଗୃହ ସଚିବ ଓ ଡିଜିଙ୍କ ସହ ଆଲୋଚନା ହୋଇଛି। ଅପରାଧୀଙ୍କୁ ଛଡା ଯିବ ନାହିଁ। ଯିଏ ଆକ୍ରମଣର କରିଥିବ, ସେ ଦୋଷୀ ପାତାଳରେ ଲୁଚି ରହିଥିଲେ ବି ଖୋଜିକି ଆଣିବୁ। ଗୃହ ବିଭାଗ ସହ ଏନେଇ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ଶୀଘ୍ର ଏନେଇ ଏସଓପି ପ୍ରକାଶ ପାଇବ। ଜନଗଣନାରେ ନିୟୋଜିତ ଥିବା ସରକାରୀ କର୍ମଚାରୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବା ସହ ସୁରକ୍ଷା ପାଇଁ ଆସିବ ନୂଆ ଝଙ୍କ। ସେପଟେ ୨୩ ତାରିଖ ପର୍ଯ୍ୟନ୍ତ କିଛି ସ୍ଥାନରେ ସ୍କୁଲ କଲେଜ ବନ୍ଦ କରାଯାଇଛି। ହିଟ ୱେଭ ପାଇଁ ଆବଶ୍ୟକ ପଡିଲେ ଆଗକୁ ମଧ୍ୟ ସ୍କୁଲ ବନ୍ଦ ଅବଧି ବଢିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ।

ଜଳିଗଲା ଚଳନ୍ତା ଟ୍ରକ୍

ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲପର

ଭୁବନେଶ୍ୱର,୨୨।୪: ରାଜଧାନୀ ଭୁବନେଶ୍ୱରର ପଳାଶୁଣି ଛକ ନିକଟରେ ବୁଧବାର ଦିନ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଜାତୀୟ ରାଜପଥ-୧୬ ଉପରେ ଚାଲୁଥିବା ଅବସ୍ଥାରେ ଏକ ଟ୍ରକରେ ହଠାତ୍ ନିଆଁ ଲାଗିଯାଇଛି। ଦାହୁଁ ଦାହୁଁ ଟ୍ରକଟି ହୁତୁହୁତୁ ହୋଇ ଜଳିଉଠିଥିଲା। ଏହି କାରଣରୁ ଅଞ୍ଚଳରେ ଭୟ ଓ ଅସ୍ଥିରତା ସୃଷ୍ଟି ହୋଇଥିଲା।

ସୂଚନା ଅନୁଯାୟୀ, ଟ୍ରକଟିରେ ହଠାତ୍ ନିଆଁ ଲାଗିଯାଇଥିଲା ଏବଂ କିଛି ସମୟ ପରେ ନିଆଁ ଭୟଙ୍କର ରୂପ ନେଇଥିଲା। ଡ୍ରାଇଭର ଓ ହେଲପର ତୁରନ୍ତ ଟ୍ରକରୁ ବାହାରି ଯାଇଥିବାରୁ ସେମାନେ ଅଳ୍ପକେ ଜୀବନ ବଞ୍ଚାଇ ପାରିଛନ୍ତି। ଘଟଣାର ସୂଚନା ପାଇବା ପରେ ଅଗ୍ନିଶମ ବାହିନୀର ଟିମ୍ ତୁରନ୍ତ ସ୍ଥାନୀୟ ଅଞ୍ଚଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। କିଛି ସମୟର ପ୍ରଚେଷ୍ଟା ପରେ ନିଆଁକୁ ସଫଳତାର ସହ ଆୟତ୍ତ କରାଯାଇଥିଲା।ଏହି ଘଟଣା ପରେ ଓଭରବ୍ରିଜ୍ ଉପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟାତ ପୂରାପୂରି ଠପ୍ ହୋଇପଡ଼ିଥିଲା। ଦୁଇପଟେ ଲମ୍ବା ଗାଡ଼ି ଲାଇନ୍ ଦେଖିବାକୁ ମିଳିଥିଲା। ଅଗ୍ନିକାଣ୍ଡର କାରଣ କଣ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବାବେଳେ ପୁଲିସ ଓ ପ୍ରଶାସନ ତଦନ୍ତ ଆରମ୍ଭ କରିଛନ୍ତି। ଟ୍ରାଫିକ ସମସ୍ୟା ଉପୁଜିବାରୁ ପଳାଶୁଣୀ ରାସ୍ତାରେ ଯାତାୟାତ କଟକଣା ଲାଗୁ କରିଛି ପୋଲିସ। ୧ ଘଣ୍ଟା ପାଇଁ ଏହି କଟକଣା ଲାଗୁ ହୋଇଛି। ଟ୍ରକ ଜାଳିବା ପରେ ସମସ୍ୟା ହେବାରୁ ବିକଳ୍ପ ରାସ୍ତା ଦେଇ ଯିବାକୁ ପରାମର୍ଶ ଦେଇଛି ପୋଲିସ।

ନେପାଳ ଗୃହ ମନ୍ତ୍ରୀ ପଦ ଛାଡ଼ିଲେ ସୁଦାନ ଗୁରୁଙ୍ଗ

ନୂଆଦିଲ୍ଲୀ: ନେପାଳରେ ପୁଣି ଥରେ ବିଦ୍ରୋହ ମୁଣ୍ଡ ଟେକିଛି। ଏହାରି ମଧ୍ୟରେ ବାଲେନ ଶାହ ସରକାରଙ୍କୁ ଏକ ଝଟକା ଲାଗିଛି। ଦୁର୍ନୀତି ବିବାଦରେ ଫସିଥିବା ନେପାଳ ନୂତନ ଗୃହ ମନ୍ତ୍ରୀ ସୁଦାନ ଗୁରୁଙ୍ଗ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଦାୟିତ୍ୱ ନେବାର ମାତ୍ର ୨୬ ଦିନରେ ସୁଦାନ ଗୁରୁଙ୍ଗ ବୁଧବାର ପଦବୀରୁ ଇସ୍ତଫା ଦେବା ଖବର ସମସ୍ତଙ୍କ ଆଶ୍ଚର୍ଯ୍ୟ କରିଛି।

ଗୁରୁଙ୍ଗ ନିଜେ ତାଙ୍କ ସୋସିଆଲ୍ ମିଡ଼ିଆ ଆକାଉଣ୍ଟରେ ଏହି ସୂଚନା ପ୍ରଦାନ କରିଛନ୍ତି। ଆର୍ଥିକ ହେରଫେର ମାମଲା ତଦନ୍ତ ଜାରି ରହିଥିବାରୁ ସେ ନିଜ ପଦବୀରୁ ଇସ୍ତଫା ଦେଇଥିବା କହିଛନ୍ତି। ସେ କହିଛନ୍ତି ଯେ ତାଙ୍କ ପଦ ଠାରୁ ନୀତି ବଡ଼ ଏବଂ ଜନତାଙ୍କ ବିଶ୍ୱାସଠାରୁ ଆଉ କୌଣସି ଶକ୍ତି ବଡ଼ ନୁହେଁ। ଦେଶରେ ଚାଲିଥିବା ଜେନ୍-ଜି ଆନ୍ଦୋଳନ, ଯାହା ସୁଶାସନ, ସ୍ୱଚ୍ଛତା ଏବଂ ଦାୟିତ୍ୱ ଦାବି କରୁଛି, ଏହା ମଧ୍ୟ ଏହି ବାର୍ତ୍ତା ଦେଇଛି – ଯେ ସାଧାରଣ ଜୀବନ ସ୍ୱଚ୍ଛ ହେବା ଉଚିତ ଏବଂ ନେତୃତ୍ୱ ଦାୟୀ ହେବା ଉଚିତ। ଯଦି କେହି ମୋର ୪୬ ଭାଇ ଏବଂ ଭଉଣୀଙ୍କ ରକ୍ତ ଏବଂ ବଳିଦାନ ଉପରେ ଗଠିତ ସରକାରଙ୍କୁ ପ୍ରଶ୍ନ କରନ୍ତି, ତେବେ ତାହାର ଉତ୍ତର ହେଉଛି ନୀତି। ସୁଦାନ ଗୁରୁଙ୍ଗ ନାମ ବ୍ୟବସାୟୀ ଦୀପକ ଭଟ୍ଟଙ୍କ ନାମ ସହିତ ଯୋଡ଼ି ହୋଇଯାଇଥିଲା। ଦୀପକ ଭଟ୍ଟ ଏକ ଆର୍ଥିକ ହେରଫେର ମାମଲାରେ ଫସିଛନ୍ତି।

ଡାହୁକ

ନ ଦେଖିଲା ଲୋକ କାମଧନ୍ଦା ଛାଡି
ଦେଖେ କିରିକେଟ ଖେଳ
ଛକା ଚଉକାର ଝଡ଼
ତନୁ ପାଟେଲିଙ୍କ ଥେଇ ଥେଇ ନାଚ
ମୁଡିକୁ ଚିକେନ ଝୋଳ।

-ବିଧୁ

ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଦିଦିଙ୍କୁ ସୁପ୍ରିମକୋର୍ଟଙ୍କ ନିନ୍ଦା

ନୂଆଦିଲ୍ଲୀ: ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ ପାଇଁ ନିୟୋଜିତ ନ୍ୟାୟିକ ଅଧିକାରୀମାନଙ୍କୁ ଘେରାଉ ଏବଂ ବନ୍ଧକ ରଖିବା ଘଟଣାକୁ ସୁପ୍ରିମକୋର୍ଟ ମମତା ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସୁପ୍ରିମକୋର୍ଟ ଏକ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଚାଲିଥିବା ତଦନ୍ତ ମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କଥିତ ହସ୍ତକ୍ଷେପର କଡ଼ା ବିରୋଧ କରି କହିଛନ୍ତି ଯେ ଜଣେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଏପରି କାର୍ଯ୍ୟ ଗଣତନ୍ତ୍ରକୁ ବିପଦରେ ପକାଇଥାଏ।

ସୁପ୍ରିମକୋର୍ଟ ବିଚାରପତି ପି.କେ ମିଶ୍ର ଏବଂ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ପଶ୍ଚିମବଙ୍ଗର ଆଇ-ପ୍ୟାକ୍ ମାମଲାର ଶୁଣାଣି କରିଛନ୍ତି। ଖଣ୍ଡପୀଠ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସମେତ ପଶ୍ଚିମବଙ୍ଗ ପ୍ରଶାସନର ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କୁ କହିଥିଲେ ଯେ ସେମାନେ ଆଇନଗତ ନୀତି ଉପରେ ଯୁକ୍ତି କରିପାରନ୍ତି, କିନ୍ତୁ କୋର୍ଟ ରାଜ୍ୟ ଭିତରେ ଦେଖାଯାଉଥିବା ବାସ୍ତବତା ପ୍ରତି ଆଖି ବୁଜି ପାରିବେ ନାହିଁ। କୋର୍ଟ କହିଥିଲେ ଅନ୍ୟ ଏକ ଖଣ୍ଡପୀଠ ସମ୍ମୁଖରେ ଦେଖିବାକୁ ମିଳିଥିଲା ଯେ ଅନେକ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖାଯାଇଛି। ଚଳିତ ବର୍ଷ ଜାନୁଆରୀ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଇ-ପ୍ୟାକ୍ ଅନେକ ଠିକଣା ଉପରେ ଚଢ଼ଉ

କରିଥିଲା। ସଂସ୍ଥାର ସହ ପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ ଘରେ ମଧ୍ୟ ଇଡି ଛାପା ମାରିଥିଲା। ଏହି ସମୟରେ ମମତା ବାନାର୍ଜୀ ନିଜେ ପ୍ରତୀକ ଜୈନଙ୍କ ଘରେ ଧସେଇ ପଶିଥିଲେ ଏବଂ କିଛି ଦସ୍ତାବିଜ ନେଇ ପଳାଇଯାଇଥିଲେ। ଶୁଣାଣି ସମୟରେ କୋର୍ଟ ଏକ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଚାଲିଥିବା ତଦନ୍ତ ମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କଥିତ ହସ୍ତକ୍ଷେପର କଡ଼ା ବିରୋଧ କରିଛନ୍ତି। କହିଛନ୍ତି ଯେ ଜଣେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଏପରି କାର୍ଯ୍ୟ ଗଣତନ୍ତ୍ରକୁ ବିପଦରେ ପକାଇଥାଏ।

ଇଡି ଅଭିଯୋଗ ଆଣିଥିଲା ଯେ ମମତା ବାନାର୍ଜୀ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣକୁ ନଷ୍ଟ କରିଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି କୌଣସି ବି ରାଜ୍ୟର ମୁଖ୍ୟମନ୍ତ୍ରୀ କୌଣସି ତଦନ୍ତ ସମୟରେ ଏଭଳି ହସ୍ତକ୍ଷେପ କରିପାରିବେ ନାହିଁ। ସମ୍ବିଧାନ ଏହାକୁ କେବେ ଗ୍ରହଣ କରିବ ନାହିଁ। ସମ୍ବିଧାନ ପ୍ରଣେତା ସୀରବାଇ ଏବଂ ଆମ୍ବେଦକର କେବେ ଏହା କଳ୍ପନା ମଧ୍ୟ କରିନଥିବେ। କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ତଦନ୍ତ ମଧ୍ୟରେ ଏପରି ଭାବରେ ଏକ କାର୍ଯ୍ୟାଳୟରେ ପଶି ଗଣତନ୍ତ୍ରକୁ ବିପଦରେ ପକାଇପାରିବେ ନାହିଁ ଏବଂ ତା'ପରେ କହି କରିପାରିବେ ନାହିଁ ଯେ ଏହି ମାମଲାକୁ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ବିବାଦ ଭାବରେ ଚିତ୍ରଣ କରାଯିବା ଉଚିତ୍ ନୁହେଁ। ଏହା ନିଜେ ଜଣେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଏକ କାର୍ଯ୍ୟ ଯାହା ଗଣତନ୍ତ୍ରର ଗଠନ ପ୍ରତି ବିପଦ ସୃଷ୍ଟି କରେ। ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାକାଲି ପାଇଁ ସୁପ୍ରିମକୋର୍ଟ ସ୍ଥିର କରିଛନ୍ତି।

ଲାଞ୍ଚ ନେଇ ଧରାପଡ଼ିଲେ ସେକ୍ସନ୍ ଅଫିସର

ଝାରସୁଗୁଡ଼ା: ଲାଞ୍ଚ ନେଇ ଭିଜିଲାନ୍ସ ଧରାପଡ଼ିଛନ୍ତି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସେକ୍ସନ୍ ଅଫିସର। ଜଣେ ଜିଏନ୍ଏମ୍ ଶିକ୍ଷକଙ୍କ ଠାରୁ ଅଢେଇ ହଜାର ଟଙ୍କା ଲାଞ୍ଚ ନେଉଥିବା ସେକ୍ସନ୍ ଅଫିସର ଅନିତ କୁମାର ଗୁରୁଙ୍କୁ ଭିଜିଲାନ୍ସ ଗିରଫ କରିଛି।

ଆଉ ଜିଏନ୍ଏମ୍ ଶିକ୍ଷକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଏନ୍ଏମ୍ ଛାତ୍ରଛାତ୍ରୀଙ୍କ ତାଲିମ ପାଇଁ ଆବଶ୍ୟକ ଅନୁମତି ପାଇଁ ଆବେଦନ କରିଥିଲେ। ମାତ୍ର ସେକ୍ସନ୍ ଅଫିସର ଅନିତ ଗୁରୁ ଶିକ୍ଷକଙ୍କ ଠାରୁ ଅଢେଇ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଶିକ୍ଷକ ଜଣକ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଏହା ପରେ ତାଙ୍କୁ ଧରିବାକୁ ଭିଜିଲାନ୍ସ ଜାଲ ବିଛାଇଥିଲା। ଆଜି ଅନିତ ଗୁରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଧରିଥିଲା। ତାଙ୍କ ନିକଟରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିଛି।

ତେବେ ଏହା ଅନିତ ଗୁରୁଙ୍କ ନାମରେ ପ୍ରଥମ ଅଭିଯୋଗ ନୁହେଁ। ପୂର୍ବରୁ ମଧ୍ୟ ସେ ଏମିତି ଅନେକ ଜିଏନ୍ଏମ୍ ଶିକ୍ଷକଙ୍କୁ ଲାଞ୍ଚ ମାଗି ହଇରାଣ କରିଥିବା ଅଭିଯୋଗ ରହିଥିଲା। ଏହା ପରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଛି। ଏହା ସହିତ ରାଉରକେଲା ଭିଜିଲାନ୍ସ ନିକଟରେ ମାମଲା ରୁଜୁ କରାଯାଇଛି।